# ଆଉ ଥରେ କୃଶବିଦ୍ଧ[୧]

ହେ ଜୀବନ!
ମୁଁ ଆଉ ଥରେ କୃଶବିଦ୍ଧ ହେଲି ।।

କେଉଁ ବିଶ୍ୱାସର ଆତ୍ମପ୍ରତାରଣାରେ
ହୁତୁ ହୁତୁ ଜଳି ଉଠିଲା
ଆଦିମ ହିଂସ୍ରତା,
ମୋ ସତ୍ୟର ଦେହଳୀରେ
ପାଉଁଶ ପାଲଟିଗଲା
ମନୋହରପୁରର ଆତ୍ମା ।।

ଜଳୁଥିବା ଏକ ପୃଥିବୀ
ଜଳୁଥିବା ଏକ ସଭ୍ୟତା
ଜଳୁଥିବା ଏକ ଅଶାନ୍ତି
ଜଳୁଥିବା ଏକ ଧର୍ମ
ମୋ ଅନ୍ତଃକରଣର ସ୍ତରେ ସ୍ତରେ
ଛକି ବସିଥିଲେ
ଗୁପ୍ତ ଘାତକ ।।

ହେଲେ ଜୀବନ
ତମେ ବ୍ୟସ୍ତ ଥିଲ
ମାଟି ଉପରେ
ଚିତ୍ର ଆଙ୍କିବାରେ ।। ତମ ମୁଁହ
ପବିତ୍ରରୁ
ଆହୁରି ପବିତ୍ର
ଆକାଶଟିଏ ପରି
ବ୍ୟାପି ଯାଉଥିଲା ଦିଗବିଦିଗ ।।

ତା' ସହିତ
ଅଙ୍କୁରି ଉଠୁଥିଲା
ଗୋଟିଏ ଆଶା
ମାତ୍ର ଗୋଟିଏ ଆଶା ତମ ଭିତରେ
ଯା' ପାଇଁ

---

[୧] ମହାର୍ଣ୍ଣବ– ୫ମ ସଂଖ୍ୟା–୧୯୯୯

ମୁଁ ବାରମ୍ବାର
କ୍ଷତବିକ୍ଷତ ହେଉଛି ।।

ତମେ ବ୍ୟାପିଯାଅ
ଜୀବନ,
ଦେଶ, ଜାତି, ଧର୍ମର
ସବୁ ପ୍ରାଚୀରକୁ ଡେଇଁ
ଏଇମିତି ବ୍ୟାପିଯାଅ ।।